# ଭାରତୀୟ ଇସ୍ପାତ୍ ପ୍ରାଧିକରଣ ଲିମିଟେଡ଼

Great Place To Work Certified

ରାଉରକେଲା ଇସ୍ପାତ୍ ପ୍ଲାଣ୍ଟ
ରାଉରକେଲା- ୭୬୯୦୧୧, ଓଡିଶା, ଭାରତ

## ଆପ୍ରେଣ୍ଟିସେସ୍ ଅଧିନିୟମ, ୧୯୬୧ ଅଧିନରେ ଆପ୍ରେଣ୍ଟିସ୍‌ଙ୍କ ନିୟୋଜନ

ରାଉରକେଲା ଇସ୍ପାତ୍ ପ୍ଲାଣ୍ଟ ଦ୍ୱାରା ଆପ୍ରେଣ୍ଟିସେସ୍ ଅଧିନିୟମ, ୧୬୯୧/୧୯୭୩ ଅଧିନରେ ନିମ୍ନବର୍ଣ୍ଣିତ ପଦ ନିମନ୍ତେ ୧ମ ଫେଜ୍‌ରେ ୧ (ଏକ) ବର୍ଷ ଅବଧି ନିମନ୍ତେ ଟ୍ରେଡ଼ ଆପ୍ରେଣ୍ଟିସ୍ ଓ ସ୍ନାତକ/ ଟେକ୍ନିସିୟାନ୍ ଆପ୍ରେଣ୍ଟିସ୍ ପ୍ରାର୍ଥୀମାନଙ୍କ ଠାରୁ ଆପ୍ରେଣ୍ଟିସିପ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

- **ଟ୍ରେଡ଼ ଆପ୍ରେଣ୍ଟିସ୍ (ଆଇଟିଆଇ ପାସ୍‌ଆଉଟ୍) : ୨୧୩**
- **ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ (ଡିପ୍ଲୋମା ପାସ୍ ଆଉଟ୍) : ୧୩୬**
- **ସ୍ନାତକ ଆପ୍ରେଣ୍ଟିସ୍ (ବି.ଟେକ୍. ପାସ୍‌ଆଉଟ୍) : ୫୧**
- **ବୟସ ମାନଦଣ୍ଡ :** ତା. ୧୦ ଅଗଷ୍ଟ ୨୦୨୪ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ତଥା ସର୍ବାଧିକ ୨୮ ବର୍ଷ ହୋଇଥିବା ଆବଶ୍ୟକ ।
- **ପାରିଶ୍ରମିକ :** ସମୟ ଅନ୍ତରରେ ସଂଶୋଧିତ ହେଉଥିବା ଆପ୍ରେଣ୍ଟିସ୍ ଅଧିନିୟମ, ୧୯୬୧ ତଥା ଆପ୍ରେଣ୍ଟିସ୍ ରୁଲସ୍, ୧୯୯୨ ଆଧାରରେ ଆଧାରରେ ଆପ୍ରେଣ୍ଟିସ୍‌ମାନଙ୍କୁ ସେମାନଙ୍କ ନିୟୋଜନ ଅବଧି ସମୟରେ ମାସିକ ପାରିଶ୍ରମିକ/ ଦରମା ପ୍ରାପ୍ତି ନିମନ୍ତେ ଯୋଗ୍ୟ ଅଟନ୍ତି ।
- **ସଂରକ୍ଷଣ:** ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଆଧାରରେ, ସମସ୍ତ ସଂରକ୍ଷଣ ନୀତି ନିୟମ ଅନୁପାଳନ କରାଯିବ ।
- **ଚୟନ:** ଆପ୍ରେଣ୍ଟିସ୍‌ମାନଙ୍କ ଚୟନ ସେମାନଙ୍କ ମେରିଟ୍ ଆଧାରରେ ତାଲିମ ନିମନ୍ତେ ଚୟନ କରାଯିବ, ଯେଉଁଥିରେ ସେମାନଙ୍କ ପ୍ରତି ଉଲ୍ଲିଖିତ ବ୍ରାଞ୍ଚ/ ଟ୍ରେଡ଼ ଅଧିନରେ ସେମାନେ ସେମାନଙ୍କ ଅନ୍ତିମ ପରୀକ୍ଷାରେ ହାସଲ କରିଥିବା ମାର୍କକୁ ବିଚାରକୁ ନେଇ ଚୟନ କରାଯିବ । ପୋର୍ଟାଲ୍‌ରେ ଆବେଦନ କରିବାର ଅନ୍ତିମ ତାରିଖ; ୧୦ ଅଗଷ୍ଟ, ୨୦୨୪
- **ଅନଲାଇନ୍ ପଞ୍ଜୀକରଣ କରିବା ପୂର୍ବ ଆବଶ୍ୟକତା:**

  i. ଉପରୋକ୍ତ ଆପ୍ରେଣ୍ଟିସ୍ ପଦ ନିମନ୍ତେ ଆବେଦନ କରିବା ପୁର୍ବରୁ, ପ୍ରାର୍ଥୀମାନଙ୍କୁ ସର୍ବପ୍ରଥମେ ଭାରତ ସରକାରଙ୍କ ନିମ୍ନୋକ୍ତ ସଂସ୍ଥାନର ଅନଲାଇନ୍ ପୋର୍ଟାଲ୍‌ରେ ନିଜକୁ ପଞ୍ଜୀକରଣ କରିବାକୁ ପଡିବ:

  (କ) ଟ୍ରେଡ଼ ଆପ୍ରେଣ୍ଟିସ୍ ନିମନ୍ତେ: https://apprenticeshipindia.gov.in ଲିଙ୍କ୍‌ରେ

  (ଖ) ସ୍ନାତକ/ ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ ନିମନ୍ତେ : ନ୍ୟାସନାଲ୍ ଆପ୍ରେଣ୍ଟିସ୍ ଟ୍ରେନିଂ ସ୍କିମ୍ (ଏନ୍‌ଏଟିଏସ୍)ର https://nats.education.gov.in ଲିଙ୍କ୍‌ରେ

  ii. ପ୍ରାର୍ଥୀଙ୍କ ନିଶ୍ଚିତ ରୂପେ କାର୍ଯ୍ୟକ୍ଷମ ଥିବା ଇ-ମେଲ୍ ଓ ଫୋନ୍ ନଂ, ଯାହାକି ଅତିକମ୍‌ରେ ୧ ବର୍ଷଧରି ପରିଚାଳିତ ହେଉଥିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ଯେକୌଣସି ସଂଶୋଧନ/ ସଂଯୋଜନ ସମ୍ବନ୍ଧୀୟ ସମସ୍ତ ପ୍ରକାରର ସୂଚନା ତଥା ଭବିଷ୍ୟତରେ ସମସ୍ତ ଯୋଗାଯୋଗ ପ୍ରାର୍ଥୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଇ-ମେଲ୍/ ଫୋନ୍ ନଂ. ରେ ଜଣାଇଦିଆଯିବ ।

  iii. ଅନଲାଇନ୍ ଆବେଦନ ପୂରଣ କରିବ ସମୟରେ ପ୍ରାର୍ଥୀ ସଠିକ୍ ଓ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଛନ୍ତି ବୋଲି ସୁନିଶ୍ଚିତ ହେବେ ।

  iv. ଆବେଦନ ସମୟରେ ପ୍ରଦାନ କରାଯାଉଥିବା ବିବରଣୀ/ ତଥ୍ୟ ନିମନ୍ତେ ପ୍ରାର୍ଥୀ ନିଜେ ସ୍ୱୟଂ/ ପ୍ରଧାନ ରୂପେ ଉତ୍ତରଦାୟୀ ରହିବେ ।

  v. ଅନଲାଇନ୍ ଆବେଦନ ପୂରଣ କରି ଦାଖଲ କରି ସାରିବା ପରେ ଭବିଷ୍ୟତ ବ୍ୟବହାର ନିମନ୍ତେ ପ୍ରାର୍ଥୀ ଅନଲଇନ୍ ଫିଲ୍‌ଅପ୍ ଆବେଦନ ପତ୍ର ନକଲର ପ୍ରିଣ୍ଟ ଆଉଟ୍ ରଖିବେ ।

  **ଆବେଦନ ପ୍ରକ୍ରିୟା:**

  i. ଆଇଟିଆଇ ନିମନ୍ତେ: ପ୍ରାର୍ଥୀମାନଙ୍କୁ ସର୍ବପ୍ରଥମେ http://apprenticeshipindia.gov.in ୱେବ୍‌ପୋଟାଲ୍‌ରେ ନିଜକୁ ଜଣେ ପ୍ରାର୍ଥୀ ରୂପେ ପଞ୍ଜୀକରଣ କରିବାକୁ ପଡିବ । ତତପଶ୍ଚାତ ଜଣେ ପ୍ରାର୍ଥୀ ରୂପେ ୱେବ୍‌ପୋର୍ଟାଲ୍‌ର ହୋମ୍ ପେଜ୍‌ର ଆପ୍ରେଣ୍ଟିସ୍ ପୋର୍ଟାଲର ଆପ୍ରେଣ୍ଟିସ୍‌ସିପ୍ ଅପର୍ଚୁନେଟିରେ ଜଣେ ପ୍ରାର୍ଥୀରୂପେ କ୍ଲିକ୍ କରି ଏଷ୍ଟାବ୍ଲିସ୍‌ମେଣ୍ଟ ନେମ୍ (ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ)କୁ ଆବେଦନ ନିମନ୍ତେ କ୍ଲିକ୍ କରିବେ । ତାପରେ ପ୍ରଜୁଯ୍ୟ ଟ୍ରେଡ଼ ବିପକ୍ଷରେ ଥିବା ଶୂନ୍ୟସ୍ଥାନ ପୋର୍ଟାଲରେ ଉପଲବ୍ଧ ହେବ । ପ୍ରାର୍ଥୀଙ୍କୁ ଆପ୍ରେଣ୍ଟିସ୍‌ସିପ୍ ଅପର୍ଚୁନେଟିସ୍‌ରେ ଉପଲବ୍ଧ ଉପଯୁକ୍ତ ଟ୍ରେଡ଼ ଚୟନ କରି ସେଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ନିମନ୍ତେ ଆବେଦନ କରିପାରିବେ । ବିନା ପଞ୍ଜିକରଣରେ ଆବେଦନ ଓ ପୋର୍ଟାଲରେ ଗ୍ରହଣୀୟ ନୁହଁ ।

  ii. ସ୍ନାତକ / ଡ଼ିପ୍ଲୋମା ନିମନ୍ତେ : ପ୍ରାର୍ଥୀଙ୍କୁ https://nats.education.gov.in ଏକ ଛାତ୍ର ରୂପେ ପଞ୍ଜିକରଣ କରିବାକୁ ପଡ଼ିବ ତତ୍‌ପଶ୍ଚାତ୍ ଏନ୍‌ଏଟିସ୍ ପୋର୍ଟାଲର ହୋମ୍ ପେଜ୍‌ରେ ଜଣେ ପ୍ରାର୍ଥୀରୂପେ ଲଗ୍‌ଇନ୍ କରି ତାହାପରେ ଏଷ୍ଟାବ୍ଲିସ୍‌ମେଣ୍ଟ ରିକ୍ୟୁଏଷ୍ଟରେ କ୍ଲିକ୍ କରିବେ ଏବଂ ଫାଇଣ୍ଡ ଏଷ୍ଟାବ୍ଲିସ୍‌ମେଣ୍ଟ କ୍ଲିକ୍ କରିବେ । ପ୍ରାର୍ଥୀଙ୍କୁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ଼, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ରାଉରକେଲାକୁ ଚୟନ କରିବେ ଏବଂ ପାସ୍‌ଆଉଟ୍ ହୋଇଥିବା ଇଞ୍ଜିନିୟରିଂ ବ୍ରାଞ୍ଚ୍‌କୁ ଚୟନ କରିବେ ।
- ଯୋଗ୍ୟ ସୁନ୍ଦରଗଡ ନିବାସୀ ପ୍ରାର୍ଥୀମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା ପ୍ରାଥମିକତା ପ୍ରଦାନ କରାଯିବ । ତାହାପରେ ଯୋଗ୍ୟ ଓଡିଶାର ପ୍ରାର୍ଥୀ ଏବଂ ତାହାପରେ ଯୋଗ୍ୟ ଭାରତର ଅନ୍ୟାନ୍ୟ ଆବେଦନକାରୀ ପ୍ରାର୍ଥୀମାନଙ୍କୁ ପ୍ରାଥମିକତା ପ୍ରଦାନ କରାଯିବ । ଯଦି କୌଣସି କ୍ଷେତ୍ରରେ ଶୂନ୍ୟସ୍ଥାନ ତଥାପି ଫାଙ୍କା ପଡେ, ତେବେ ସେ କ୍ଷେତ୍ରରେ ଏପରି ପଦକ୍ଷେପ ନିଆଯିବ ।
- **ମ୍ୟାନେଜମେଣ୍ଟ ପାଖରେ କୌଣସି ଆବେଦନକୁ ଗ୍ରହଣ କରିବା କିମ୍ବା ତାକୁ ନାକଚ କରିବା ର ଅଧିକାର ସଂରକ୍ଷିତ ଅଟେ । ଯେକୌଣସି ପରିସ୍ଥିତିରେ ସଂପୂର୍ଣ୍ଣ ପ୍ରକ୍ରିୟାକୁ ବାତିଲ୍ କରିବା, ଆବେଦନ ନାକଚ କରିବା କିମ୍ବା ପୁନର୍ବାର ଚୟନ କରିବାର ଅଧିକର ଅଛି । ମ୍ୟାନେଜମେଣ୍ଟର ଚୟନ ଅନ୍ତିମ ପଦକ୍ଷେପ ଅଟେ । ଆପ୍ରେଣ୍ଟିସ୍ ଟ୍ରେନିଂକୁ ବାତିଲ୍ କରିବା ଏବଂ କୌଣସି ଟ୍ରେଡ଼ / ଡ଼ିସିପ୍ଲିନ୍ କ୍ଷେତ୍ରରେ ଶୂନ୍ୟସ୍ଥାନର ହ୍ରାସ ବୃଦ୍ଧି ପ୍ରାର୍ଥୀଙ୍କର ଉପଲବ୍ଧତା ଉପରେ ନିର୍ଭର କରିଥାଏ । ଏହା ଯେକୌଣସି ପରିସ୍ଥିତିରେ ପରିବର୍ତ୍ତନୀୟ ଅଟେ ।**
- **ଆର୍‌ଏସ୍‌ପି ଦ୍ୱାରା ଏହି ଆପ୍ରେଣ୍ଟିସ୍ କାର୍ଯ୍ୟକ୍ରମ ଏକ ନିୟମିତ ନିଯୁକ୍ତି ନୁହଁ ତଥା ଆପ୍ରେଣ୍ଟିସ୍ ତାଲିମ୍ କେବଳ ଯୋଗଦେବା ତାରିଖଠାରୁ ଏକ ବର୍ଷ ଅବଧିର ଅଟେ ।**

ପଞ୍ଜିକୃତ କାର୍ଯ୍ୟାଳୟ : ଇସ୍ପାତ ଭବନ, ଲୋଦି ରୋଡ଼, ନୂଆଦିଲ୍ଲୀ - ୧୧୦୦୦୩
କର୍ପୋରେଟ ପରିଚୟ ସଂଖ୍ୟା : L27109DL1973GOI006454 ୱେବସାଇଟ୍

**ପ୍ରତ୍ୟେକଙ୍କ ଜୀବନରେ ସେଲ୍ ଏକ ଅଂଶବିଶେଷ**

CBC 40109/12/0005/2425